ଧରିତ୍ରୀ
DHARITRI
ବ୍ରହ୍ମପୁର, ଶନିବାର, ୧୪ ଅଗଷ୍ଟ, ୨୦୨୧


## ସଂକ୍ଷେପରେ

### ନୂତନ ଏମ୍‌ଭିଆଇଙ୍କ ଯୋଗଦାନ



ପାରଳାଖେମୁଣ୍ଡି, ୧୩ା୮ (ଡି.ଏନ୍.ଏ.): ଗଜପତି ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ନୂତନ ଯାନବାହନ ନିରୀକ୍ଷକ (ଏମ୍‌ଭିଆଇ) ଭାବେ ଶାନ୍ତନୁ କୁମାର ପରିଡ଼ା ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିପୂର୍ବରୁ ଏହି ପଦବୀରେ ଥିବା ବସନ୍ତ କୁମାର ମହାପାତ୍ରଙ୍କ ଦୁଇମାସ ପୂର୍ବେ ବଦଳି ହୋଇଥିଲା। ସେହି ସମୟଠାରୁ ଏହି ପଦବୀ ଖାଲି ପଡ଼ିଥିଲା। ଜିଲାରେ ଟ୍ରାଫିକ୍ ନିୟମ ଓ ଡ୍ରାଇଭିଂ ଲାଇସେନ୍ସ ଆଦି ଉପରେ ପ୍ରାଥମିକତା ଦେଇ କାର୍ଯ୍ୟ କରିବା ସହ ସଡ଼କ ସୁରକ୍ଷା ପାଇଁ ଲୋକଙ୍କୁ ଅଧିକ ସଚେତନ କରାଯିବ ବୋଲି ନୂତନ ଏମ୍‌ଭିଆଇ କହିଛନ୍ତି।

### ଅନାଥ ଶିଶୁଙ୍କୁ ରାଶନ ସାମଗ୍ରୀ ବଣ୍ଟନ

କୁକୁଡ଼ାଖଣ୍ଡି, ୧୩ା୮: ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କୁକୁଡାଖଣ୍ଡି ବ୍ଲକ ଗସ୍ତରେ ଆସି କରୋନାରେ ଅନାଥ ହୋଇଥିବା ଶିଶୁମାନଙ୍କୁ ରାଶନ ସାମଗ୍ରୀ ବଣ୍ଟନ କରିଥିଲେ। ମହାମାରୀରେ ମା’ବାପାଙ୍କୁ ହରାଇଥିବା ଶିଶୁମାନଙ୍କୁ ଡାଲି ୩ କେଜି, ଚୁଡ଼ା ୪ କେଜି, ଚିନି ୪ କେଜି, ଛତୁଆ ୧/୨କେଜି ଓ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। ଶିଶୁମାନଙ୍କ ପଢ଼ାରେ ସହଯୋଗ କରିବା ସହିତ ପ୍ରତ୍ୟେକ ୨ ମାସରେ ରାଶନ ସାମଗ୍ରୀ ପ୍ରଦାନ କରାଯିବ ବୋଲି କହିଥିଲେ। ଅରୁଣା ଫାଉଣ୍ଡେଶନ ସଦସ୍ୟା ସୌଭାଗିଣୀ ରଥଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷ କାମାକ୍ଷା ପ୍ରସାଦ ପାତ୍ର, ବିଡିଓ ଗଦାଧର ପାତ୍ର, ସରପଞ୍ଚ ଅଦଲା ଚେନେୟା ଏବଂ ସିଡିପିଓ କୁସୁମ ସାହୁ ଉପସ୍ଥିତ ଥିଲେ।

### ସମ୍ବର୍ଦ୍ଧିତ ହେବେ ଏସ୍‌ଡିପିଓ



ଭଞ୍ଜନଗର, ୧୩ା୮ (ଡି.ଏନ.ଏ): ଭଞ୍ଜନଗର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ରଙ୍କୁ ରବିବାର ସ୍ୱାଧୀନତା ଦିବସରେ କଟକ ଠାରେ ଡିଜିପି ସମ୍ବର୍ଦ୍ଧିତ କରିବେ । ମିଶ୍ର ଜଣେ ଦକ୍ଷ ପୋଲିସ ଅଧିକାରୀ ଭାବେ ଏହି ସମ୍ମାନ ପାଇବେ। ଏନେଇ ରାଜ୍ୟ ପୋଲିସ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଏସ୍‌ଡ଼ିପିଓ ମିଶ୍ରଙ୍କୁ ଜଣାଇ ଦିଆଯାଇଛି । ଉକ୍ତ ଦିନ ରାଜ୍ୟର ବଛାବଛା ପୋଲିସ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦିଆଯିବ ।

### ବାଇକ୍ ଦୁର୍ଘଟଣା, ଜଣେ ଗୁରୁତର

ନୂଆଗଡ଼, ୧୩ା୮: ନୂଆଗଡ଼ ବ୍ଲକ ଖଜୁରିପଦା ଭାରତ ପେଟ୍ରୋଲ ପମ୍ପ୍ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଶୁକ୍ରବାର ଚାଳକ ପ୍ରଦୀପ କୁମାର ନାୟକ (୨୭) ଗୁରୁତର ହୋଇଛନ୍ତି। ପ୍ରଦୀପ କୌଣସି କାମରେ ମହେନ୍ଦ୍ରଗଡ଼ ନିକଟବର୍ତ୍ତୀ ଆମ୍ବଗାଁଠାରୁ ସିଂଜାବା ଏକ ବାଇକ୍ (ଓଆର ୦୭ ଜେଡ୍ ୭୫୫୮) ଯୋଗେ ଆସିଥିଲେ। ନିଜ ଗାଁକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ଘଟଣାସ୍ଥଳରେ ପ୍ରଦୀପ ପଡ଼ିରହିଥିବା ବେଳେ ଜଣେ ବ୍ୟକ୍ତି ତାଙ୍କୁ ଉଦ୍ଧାର କରି ଖଜୁରିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପରେ ପ୍ରଦୀପଙ୍କୁ ପାରଳାଖେମୁଣ୍ଡି ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରୁ ପୋଲିସ ବାଇକ୍ ଜବତ କରି ତଦନ୍ତ ଚଳାଇଥିବା ଖଜୁରିପଦା ଫାଣ୍ଡି ଅଧିକାରୀ ଡି. ଗଜପତି ଦୋରା କହିଛନ୍ତି।

# ୧୬ରେ ଗୋଛାପଡ଼ା ବନ୍ଦ ଡାକରା

## ମୋବାଇଲ ଟାୱାର କାର୍ଯ୍ୟକ୍ଷମ ନ ହେବା ପ୍ରସଙ୍ଗ

ଫୁଲବାଣୀ ଅଫିସ, ୧୩ା୮

ଫିରିଙ୍ଗିଆ ବ୍ଲକ ଗୋଛାପଡା ପଞ୍ଚାୟତରେ ଥିବା ବିଏସ୍ଏନ୍ଏଲ୍ ଟାୱାର ଥାଇ ନ ଥିବା ସହ ସମାନ। ବିଗତ ୫ ବର୍ଷ ହେବ ସେଠାରେ ଜିଓର ଏକ ଟାୱାର ନିର୍ମାଣ ହୋଇଥିଲେ ହେଁ କାର୍ଯ୍ୟକ୍ଷମ ହୋଇନାହିଁ ତେଣୁ ଦୁଇଟି ଟାୱାର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଦାବି ସହ ଅନ୍ୟାନ ସମସ୍ୟା ସମାଧାନ ଲାଗି ଗୋଛାପଡା ସଚେତନ ନାଗରିକ ମଞ୍ଚ ପ୍ରଶାସନକୁ ବାରମ୍ବାର ଦାବି କରୁ ଆସୁଥିଲେ ମଧ୍ୟ କୌଣସି ସୁଫଳ ହେଲା ନାହିଁ। ପୂର୍ବ ନିଷ୍ପତ୍ତି ମୁତାବକ ମଞ୍ଚ ପକ୍ଷରୁ ଆସନ୍ତା ୧୬ରେ ୧୨ ଘଣ୍ଟିଆ ଗୋଛାପଡା ବନ୍ଦ ଡାକରା ଦିଆଯାଇଛି। ଏହି ସମୟରେ ମେଡିକାଲ, ଅଗ୍ନିଶମ ସେବା ଜାରି ରହିବା ସହ ଔଷଧ ଦୋକାନ ଖୋଲା ରହିବ। କୋଭିଡ୍ କଟକଣା ଅନୁଯାୟୀ ବନ୍ଦ ପାଳନ କରାଯିବ। ମଞ୍ଚର ସଦସ୍ୟ ତଥା ଗୋଛାପଡା ସରପଞ୍ଚ ସୁଭଦ୍ରା କହଁର କହିଛନ୍ତି ଆମେ ଏହି ସମସ୍ୟା ନେଇ ବର୍ଷାଧିକ କାଳ ପ୍ରଶାସନକୁ ଭେଟୁଛୁ । ହେଲେ କେହି ନ ଶୁଣିବାରୁ ବନ୍ଦ ନିଷ୍ପତ୍ତି ନିଆଯାଇଛି। ମୋବାଇଲ ଟାୱାର ସହ ଗୋଛାପଡାରେ ବିଦ୍ୟୁତ୍ ସବ୍ ଷ୍ଟେଶନ, କଟ୍ରିଙ୍ଗିଆରୁ ଗୋଛାପଡ଼ା ପର୍ଯ୍ୟନ୍ତ ମାଟି ତଳେ କେବୁଲ, ଗୋଛାପଡ଼ାରେ ସ୍ଥାୟୀ ଲାଇନ ମ୍ୟାନ ନିଯୁକ୍ତି ଆଦି ଦାବି ରହିଛି । ସୂଚନାଯୋଗ୍ୟ, ମୋବାଇଲ ଟାୱାର କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି। ବିଶେଷ କରି ପିଲାମାନେ ଅନ୍‌ଲାଇନରେ ପାଠ ପଢ଼ିପାରୁନାହାନ୍ତି।



ଆଡାସିପଡ଼ା ପଞ୍ଚାୟତବାସୀ।

## ନେଟୱର୍କ ନେଇ ବଢୁଛି ସମସ୍ୟା

କନ୍ଧମାଳ ଜିଲାରେ ଅଧିକାଂଶ ସମୟରେ ଜିଲାରେ ନେଟୱାର୍କ କାମ କରୁନାହିଁ। ଯଦିବି କାମ କରୁଛି ଗୋଟିଏ ଦୁଇ ମିନିଟ ମଧ୍ୟରେ କଲ କଟି ଯାଉଛି । ଫଳରେ ଜରୁରୀ ସେବା ଆମ୍ବୁଲାନ୍ସକୁ ଲୋକେ ଫୋନ କରି ନ ପାରିବାରୁ ରୋଗୀ ମୃତ୍ୟୁ ମୁଖରେ ପଡୁଛି। ଫୁଲବାଣୀ ସହରରୁ ମାତ୍ର ୧୬ କିମି ଦୂର ଖଜୁରିପଡା ବ୍ଲକର ଆଡାସିପଡ଼ା ପଞ୍ଚାୟତରେ ଆଦୌ ନେଟ୍‌ୱର୍କ ନାହିଁ। ୧୩ ୱାର୍ଡକୁ ନେଇ ଗଠିତ ଏହି ପଞ୍ଚାୟତରେ ଲୋକ ସଂଖ୍ୟା ୩୮୦୦ରୁ ଊର୍ଦ୍ଧ୍ୱ। ତେଣୁ ଏକ ବିଏସ୍ଏନ୍ଏଲ୍ ଟାୱାର ବସାଇବା ପାଇଁ ଶୁକ୍ରବାର ସରପଞ୍ଚ ଜେମାଦେଇ ପ୍ରଧାନଙ୍କ ସମେତ ସମିତି ସଭ୍ୟ ନଳିନୀ ମଲ୍ଲିକ ଏବଂ ଗ୍ରାମବାସୀ ଆସି ବିଏସ୍ଏନ୍ଏଲ୍ କର୍ମକର୍ତ୍ତାଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । ପୂର୍ବରୁ ଏହି ସମସ୍ୟାର ସମାଧାନ ପାଇଁ ଜିଲା ଗସ୍ତରେ ଆସିଥିବା ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ମଧ୍ୟ ଭେଟି ଦାବିପତ୍ର ଦେଇଛନ୍ତି।

# ତରଳ ମେଡିକାଲ ଅକ୍ସିଜେନ ପ୍ଲାଣ୍ଟ କାର୍ଯ୍ୟ ଅନୁଧ୍ୟାନ



ଅତିରିକ୍ତ ଜିଲାପାଳ ତରଳ ମେଡିକାଲ ଅକ୍ସିଜେନ୍ ପ୍ଲାଣ୍ଟ ବୁଲି ଦେଖୁଛନ୍ତି।

ପାରଳାଖେମୁଣ୍ଡି, ୧୩ା୮

ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ଶୁକ୍ରବାର ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ନିର୍ମାଣ ହେଉଥିବା ତରଳ ମେଡିକାଲ ଅକ୍ସିଜେନର ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା କାର୍ଯ୍ୟର ଅଗ୍ରଗତି ନେଇ ଅନୁଧ୍ୟାନ କରିଛନ୍ତି। ଜିଲାରେ କରୋନା ମହାମାରୀରେ ସ୍ୱାସ୍ଥ୍ୟସେବାରେ ବିଶେଷ ଉନ୍ନତି ଆଣିବା ପାଇଁ ଜୁନ ୨୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ଉକ୍ତ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ଏହି ପ୍ରକଳ୍ପ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁଛି। ଆଗାମୀ କିଛି ଦିନ ପରେ ଏହି ପ୍ରକଳ୍ପର ନିର୍ମାଣ ଶେଷ ହୋଇଯିବ। ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ କୋଭିଡ୍ ରୋଗୀଙ୍କୁ ଆବଶ୍ୟକ ଅକ୍ସିଜେନ ଯୋଗାଇ ଦେବାରେ ଏହା ବେଶ୍ ସହାୟକ ହୋଇପାରିବ।

# ଖାଲିପଡ଼ିଛି ୧୬ ଯନ୍ତ୍ରୀ ପଦବୀ

## ଗଞ୍ଜାମରେ ଗ୍ରାମ୍ୟ ନିର୍ମାଣ ବିଭାଗ କାମଚଳା

ଛତ୍ରପୁର, ୧୩ା୮ (ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ଗ୍ରାମ୍ୟ ନିର୍ମାଣ ବିଭାଗ ଏକ ପ୍ରକାର କାମଚଳାରେ ଚାଲିଛି । ଏହି ବିଭାଗରେ ୧୬ ବରିଷ୍ଠ ଓ କନିଷ୍ଠ ଯନ୍ତ୍ରୀ ପଦବୀ ଖାଲି ପଡିଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ନିର୍ମାଣ ଠାରୁ ଆରମ୍ଭ କରି ସମସ୍ତ ଗ୍ରାମାଞ୍ଚଳରେ ମୁଖ୍ୟ ଗ୍ରାମ୍ୟ ନିର୍ମାଣ ବିଭାଗର ରାସ୍ତା, ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ହସ୍ପିଟାଲ ଓ ସ୍ୱାସ୍ଥ୍ୟକେନ୍ଦ୍ର କୋଠା ନିର୍ମାଣ ଏହି ବିଭାଗ ପକ୍ଷରୁ ତ୍ୱରାନ୍ୱିତ ହୋଇଥାଏ। ଏଥିଲାଗି ଉକ୍ତ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ବିଭାଗ ପକ୍ଷରୁ ଉକ୍ତ ସବୁ କାମର ନିର୍ମାଣ ପାଇଁ ଟେଣ୍ଡର କରାଯାଇ ଠିକାଦାର ଦ୍ୱାରା ଏହା ତ୍ୱରାନ୍ୱିତ କରାଯାଇଥାଏ । ମାତ୍ର ଏତେ ସଂଖ୍ୟକ ଯନ୍ତ୍ରୀ ପଦବୀ ଖାଲି ପଡିଥିବାରୁ କାମଗୁଡିକ ଠିକ୍ ଭାବେ ମନିଟରିଂ ହୋଇପାରୁନି। ଏପରିକି ବିଭିନ୍ନ ସ୍ଥାନରେ ନିମ୍ନମାନର ରାସ୍ତା କାମ ହେଉଥିବା ଅଭିଯୋଗ ମଧ୍ୟ ହେଉଛି । କେତେକ ସ୍ଥାନରେ ଅଭିଯୋଗ ପରେ ରାସ୍ତା କାମ ପୁନଃନିର୍ମାଣ ହେଉଛି। ବିଭାଗ ଅଧିନ ବିଭିନ୍ନ ଡିଭିଜନ ସେକ୍ସନରେ ଅତିରିକ୍ତ ଦାୟିତ୍ୱରେ କାମ ତୁଲାଇ ନିଆଯାଉଛି । ଏପରିକି କେତେକ ସ୍ଥାନରେ କନିଷ୍ଠ ଯନ୍ତ୍ରୀମାନେ ସହକାରୀ ନିର୍ବାହୀ ଯନ୍ତ୍ରୀ ତ ଆଉ କେଉଁଠି ସହକାରୀ ନିର୍ବାହୀ ଯନ୍ତ୍ରୀମାନେ ନିର୍ବାହୀଯନ୍ତ୍ରୀଙ୍କ ଅତିରିକ୍ତ ଦାୟିତ୍ୱରେ କାମ କରୁଛନ୍ତି। ଏଥିସହ କେତେକ ସେକ୍ସନରେ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ଦୁଇଟି ସେକ୍ସନର ଦାୟିତ୍ୱ ମିଳିଛି । ଆହୁରି କେତେକ ସ୍ଥାନରେ କନିଷ୍ଠ ଯନ୍ତ୍ରୀମାନେ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟ ତୁଲାଉଛନ୍ତି। ବ୍ରହ୍ମପୁର ସ୍ଥିତ ଗ୍ରାମ୍ୟ ନିର୍ମାଣ ମଣ୍ଡଳ ଅଧିକ୍ଷଣ ଯନ୍ତ୍ରୀଙ୍କ ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କୁ ଦିଆଯାଇଥିବା ରିପୋର୍ଟରୁ ଏହି ସୂଚନା ମିଳିଛି । ମିଳିଥିବା ସୂଚନା ଅନୁସାରେ, ବ୍ରହ୍ମପୁର ଗ୍ରାମ୍ୟ ନିର୍ମାଣ ସବଡିଭିଜନର ନିର୍ବାହୀଯନ୍ତ୍ରୀ, ଛତ୍ରପୁର, ଦିଗପହଣ୍ଡି, ପୋଲସରା, କୋଦଳା, ଭଞ୍ଜନଗର ଓ ଆସିକା ସବଡିଭିଜନର ସହକାରୀ ନିର୍ବାହୀଯନ୍ତ୍ରୀ ପଦବୀ ଖାଲି ପଡିଛି। ସେହିପରି ଚିକିଟି, କୁକୁଡାଖଣ୍ଡି–୨, ନୂଆପଡା, ସାନଖେମୁଣ୍ଡି–୨, ବୁଗୁଡା, ପୋଲସରା, ଜଗନ୍ନାଥପ୍ରସାଦ, ଆସିକା ଓ ଭଞ୍ଜନଗର ଗ୍ରାମ୍ୟ ନିର୍ମାଣ ସେକ୍ସନରେ ଉଭୟ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ପଦବୀ ଖାଲି ପଡିଛି।

## ଦୁଇ ଜୁଆ ଆଡ୍ଡାରୁ ୧୩ ଗିରଫ

ବୁଗୁଡ଼ା, ୧୩ା୮ (ଡି.ଏନ.ଏ.)

ବୁଗୁଡ଼ା ଥାନା ଅନ୍ତର୍ଗତ ଚଢିଆପଲ୍ଲୀ ଓ କରସିଙ୍ଗି ଗ୍ରାମ ନିକଟରେ ଚାଲିଥିବା ଏକ ଜୁଆ ଆଡ୍ଡାର ଶୁକ୍ରବାର ପୋଲିସ ଚଢାଉ କରି ୩ଟି ବାଇକ୍ ଏବଂ ୩୦ ହଜାର ୨୪୦ ଟଙ୍କା ଜବତ କରିବା ସହ ୧୩ ଜଣ ଜୁଆଡ଼ିଙ୍କୁ ଗିରଫ କରିଥିବା ନେଇ ଆଇଆଇସି ଚିତ୍ତ ରଞ୍ଜନ ବେହେରା କହିଛନ୍ତି। ଏନେଇ ବୁଗୁଡ଼ା ଥାନାରେ ନଂ ୪୦୨,୪୦୩/୨୧ରେ ଦୁଇଟି ମାମଲା ରୁଜୁ ହୋଇଛି। ଚଢିଆପଲ୍ଲୀ ଗ୍ରାମ ନିକଟ ଠାକୁରାଣୀ ମନ୍ଦିରରେ ଶୁକ୍ରବାର ଜୁଆ ଖେଳ ଚାଲିଥିଲା। ଖବର ପାଇ ପୋଲିସ ସେଠାରୁ ୭ ଜଣଙ୍କୁ ଗିରଫ କରିବା ସହ ୧୪,୧୦୦ ଟଙ୍କା ଜବତ କରିଥିଲା। ଅନ୍ୟପକ୍ଷରେ ବୁଗୁଡ଼ା ଥାନା ଅନ୍ତର୍ଗତ କରସିଙ୍ଗି ଗାଁ ନିକଟସ୍ଥ ଏକ କାଜୁ ତୋଟାରେ ଜୁଆ ଖେଳ ଚାଲିଥିବା ବେଳେ ସ୍ଥାନୀୟ ପୋଲିସ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିବା ସହ ୩ଟି ବାଇକ୍ ଏବଂ ୧୬,୧୪୦ ଟଙ୍କା ଜବତ କରିଥିଲା।

## ବିଧାୟିକାଙ୍କ ଘରକୁ ପଥରମାଡ଼ ଘଟଣା, ୭ ଗିରଫ



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଓ ଆଇଆଇସି।

ଖଲ୍ଲିକୋଟ, ୧୩ା୮ (ଡି.ଏନ.ଏ.)

ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କ ଘର ଉପରକୁ ଗତ ୫ରେ ପଥର ମାଡ଼ ଏବଂ ଗେଟ ପାଖରେ ଥିବା ବାଇକ୍ ଭାଙ୍ଗିବା ଘଟଣାରେ ସ୍ଥାନୀୟ ପୋଲିସ ଶୁକ୍ରବାର ୭ ଜଣଙ୍କୁ କୋର୍ଟଚାଲାଣ କରିଛି। ବିଧାୟିକାଙ୍କ ନିଜ ଗ୍ରାମ କେଶପୁରପାଟଣାରେ ପୂର୍ବ ବିବାଦକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଫଳରେ ବିଧାୟିକାଙ୍କ ଦୁଇଜଣ ସମର୍ଥକଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଖଲ୍ଲିକୋଟ ଟାଉନରେ ଭଡ଼ାରେ ରହୁଥିବା ବାସଗୃହ ଉପରକୁ ପଥର ମାଡ଼ କରିଥିଲେ। ବିଧାୟିକାଙ୍କ ଏତଲା କ୍ରମେ ପୋଲିସ ନଂ. ୪୯୩/୨୧ରେ ମାମଲା ରୁଜୁ କରି ଚଢ଼ାଉ ଜାରି ରଖିଥିଲା। ବିଭିନ୍ନ ସ୍ଥାନରୁ ୭ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଶୀଘ୍ର ଧରାଯିବ ବୋଲି ଅପରାହ୍ନରେ ଖଲ୍ଲିକୋଟ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଛତ୍ରପୁର ଏସଡିପିଓ ଗୌତମ କିସାନ ପ୍ରକାଶ କରିଥିଲେ। ସେହିପରି ଉକ୍ତ ଦିନ ଗ୍ରାମରେ ତିନୋଟି ବୋମାମାଡ଼ ହୋଇଥିଲା। କୌଣସି କ୍ଷୟକ୍ଷତି ଘଟିନଥିଲା। ଏହି ଘଟଣାରେ ପ୍ରତିପକ୍ଷଙ୍କ ତରଫରୁ ଥାନାରେ ଏତଲା ହୋଇଥିଲା। ଏ ନେଇ ନଂ. ୪୯୨/୨୧ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ କାବୁ କରାଯିବାକୁ ତଦନ୍ତ ଜାରି ରହିଛି ବୋଲି ଏସଡିପିଓ କିସାନ ପ୍ରକାଶ କରିଥିଲେ। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓଙ୍କ ସମେତ ଖଲ୍ଲିକୋଟ ଆଇଆଇସି ସତ୍ୟରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ।

# କୋଟିନଡ଼ା ପଞ୍ଚାୟତ କାର୍ଯ୍ୟାଳୟର ନୂତନ କୋଠା ଉଦ୍‌ଘାଟିତ

ଦିଗପହଣ୍ଡି, ୧୩ା୮ (ଡି.ଏନ.ଏ.)

ଦିଗପହଣ୍ଡି ବିଧାୟକ ତଥା ବାଚସ୍ପତି ଡ଼. ସୂର୍ଯ୍ୟନାରାୟଣ ପାତ୍ର ଶୁକ୍ରବାର ବ୍ଲକ କୋଟିନଡ଼ା ଗ୍ରାମ ପଞ୍ଚାୟତର ନବନିର୍ମିତ କାର୍ଯ୍ୟାଳୟ (ଗ୍ରାମ ସଂସଦ)ର କୋଠାକୁ ଉଦ୍‌ଘାଟନ କରିଛନ୍ତି। ୩୫ ଲକ୍ଷ ଟଙ୍କା ବ୍ୟୟରେ ଏହି କୋଠା ନିର୍ମାଣ ହୋଇଥିବା ବେଳେ ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାରେ ୨୦ ଲକ୍ଷ ଓ ପଞ୍ଚାୟତର ନିଜସ୍ୱ ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଏହାବାଦ୍ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ୭ ଲକ୍ଷ ଟଙ୍କା ବ୍ୟୟରେ ଆଦର୍ଶ ପୋଖରୀ ଓ ୫ ଲକ୍ଷ ଟଙ୍କା ବ୍ୟୟରେ ପାର୍କ ନିର୍ମାଣ କରାଯାଇଛି। ସେହିପରି ବାଚସ୍ପତି କୋଟିନଡାର ନବନିର୍ମିତ ଉଗ୍ରତାରା ପାଠାଗାର କୋଠା ଏବଂ ମଝିସାହି ମଣ୍ଡପ ଓ ଲାଇବ୍ରେରୀ କୋଠା ଉଦ୍‌ଘାଟନ କରିଥିଲେ। ସଭାରେ ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷ ପ୍ରତିନିଧି ଏମ.ନିରଞ୍ଜନ ରେଡ଼ି, ସରପଞ୍ଚ ସଂଘ ସଭାପତି ହରିବନ୍ଧୁ ରେଡ୍ଡୀ, ସରପଞ୍ଚ ବିଭୂତି ଭୂଷଣ ମହାପାତ୍ର, ବି.କ୍ରିଷ୍ଣା ରାଓ ସୁବୁଦ୍ଧି, କୋଟିନଡ଼ା ସରପଞ୍ଚ ନମିତା ବିଶୋଇ, ସରପଞ୍ଚ ପ୍ରତିନିଧି ଉମାକାନ୍ତ ବିଶୋଇ, ସମିତିସଭ୍ୟ ସ୍ୱର୍ଣ୍ଣଲତା ବିଶୋଇ, ବିଡିଓ ହଳଧର ଶବର, ବ୍ଲକ ସହକାରୀ ଯନ୍ତ୍ରୀ ଇଂ.ଗଙ୍ଗାଧର ଲେଙ୍କା, କନିଷ୍ଠ ଯନ୍ତ୍ରୀ ମୋହନରାଓ ସୁବୁଦ୍ଧି, ପ୍ରେମ ରଞ୍ଜନ ମହାପାତ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜ କିଶୋର ବରାଡ, ଜିଆରଏସ୍ କିଶୋର ଚନ୍ଦ୍ର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।



ବାଚସ୍ପତି ନବନିର୍ମିତ ଗ୍ରାମ ସଂସଦ କୋଠା ଉଦ୍‌ଘାଟନ କରୁଛନ୍ତି।

## ମହିଳା ସଚେତନତା ଶିବିର

ନୂଆଗଡ଼, ୧୩ା୮

ନୂଆଗଡ଼ ବ୍ଲକ ଖଜୁରିପଦା ପଞ୍ଚାୟତରେ ସୁକନ୍ୟା ଶକ୍ତି ସଙ୍ଗଠନ ଚାରିଟେବୁଲ ଟ୍ରଷ୍ଟ ପରିବାର ତରଫରୁ ମହିଳା ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ସମାଜରେ କିପରି ମହିଳାମାନେ ସୁରକ୍ଷିତ ରହିବେ, ସେ ନେଇ କାର୍ଯ୍ୟ କରୁଥିବା ସୁକନ୍ୟା ଶକ୍ତି ସଂଗଠନ ବ୍ଲକରେ ଆରମ୍ଭ ହେବାକୁ ଯାଉଛି। ଏହି ସଂଗଠନର ମୁଖ୍ୟ କାର୍ଯ୍ୟାଳୟ ବରଗଡ଼ ଜିଲାରେ ଥିବା ବେଳେ ମହାମଣ୍ଡଳୀୟ କାର୍ଯ୍ୟାଳୟ ଗଞ୍ଜାମ ଜିଲାର ସୋରଡ଼ାରେ ରହିଛି। ଏହି ସଂଗଠନ ଦ୍ୱାରା ଗରିବ ମହିଳାମାନଙ୍କ ସାମାଜିକ ଓ ଅର୍ଥନୈତିକ ଦିଗ ବୃଦ୍ଧି କରିବା ସହିତ ବିଭିନ୍ନ ସମୟରେ ସେମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ରୋକିବା ଦିଗରେ କାର୍ଯ୍ୟ କରିବେ ବୋଲି ଜିଲା ସଂଯୋଜକ ଅଧିକାରୀ ଜିତେନ୍ଦ୍ର ପ୍ରଧାନ କହିଛନ୍ତି। ବ୍ଲକ ସୁପରଭାଇଜର କରୁଣାକର ବେହେର୍ଦ୍ଦଲାଇ ଏବଂ ପ୍ରତି ପଞ୍ଚାୟତର ୨୪ କର୍ମକର୍ତ୍ତା ଏହି ସଭାରେ ଉପସ୍ଥିତ ଥିଲେ।

## ମହିଳାଙ୍କୁ ବଳାତ୍କାର ଅଭିଯୋଗ

ଆର.ଉଦୟଗିରି, ୧୩ା୮ (ଡି.ଏନ୍.ଏ.)

ମୋହନା ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଥିବା ଗୁରୁବାର ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ଏତଲାକ୍ରମେ ପୋଲିସ ନଂ. ୧୫୦/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମହିଳାଙ୍କ ସ୍ୱାମୀ ଜଣେ ଗାଡ଼ିଚାଳକ। ସେ ଅଧିକାଂଶ ସମୟ ବାହାରେ ରହୁଥିଲେ। ଏହାର ସୁଯୋଗ ନେଇ ଉକ୍ତ ଥାନା ଅଞ୍ଚଳର ୨୩ ବର୍ଷୀୟ ଯୁବକ ଗତ ୧୫ ତାରିଖରେ ଏକ ଧାରୁଆ ଅସ୍ତ୍ର ଧରି ମହିଳାଙ୍କ ଘରେ ପଶି ଜୀବନରୁ ମାରିଦେବାର ଧମକ ଦେଇ ବଳାତ୍କାର ଉଦ୍ୟମ କରିଥିଲେ। ତା’ ପରଦିନ ମହିଳା ଜଣକ ବାରିପଟକୁ ଯାଇଥିବା ବେଳେ ସମ୍ପୃକ୍ତ ଯୁବକ ତାଙ୍କୁ ମାଡ଼ମାରି ବଳାତ୍କାର କରିଥିଲେ। ଘଟଣାର ପ୍ରାୟ ୨୧ ଦିନ ପରେ ସ୍ୱାମୀ ଘରକୁ ଆସିବା ପରେ ମହିଳା ଜଣଙ୍କ ତାଙ୍କୁ ସବୁ କଥା କହିଥିଲେ। ପରେ ଦମ୍ପତି ଏ ନେଇ ମୋହନା ଥାନାରେ ଅଭିଯୋଗ କରିଥିଲେ ବୋଲି ଥାନାଧିକାରୀ ସୁଜିତ କୁମାର ନାୟକ କହିଛନ୍ତି।

# ଦୁର୍ନୀତି ଅଭିଯୋଗରେ କାଶୀନଗର ଏନ୍‌ଏସି ଘେରାଉ



ମହିଳାମାନଙ୍କ ଦ୍ୱାରା ଏନଏସି ଘେରାଉ କରାଯାଇଛି।

କାଶୀନଗର, ୧୩ା୮ (ଡି.ଏନ.ଏ.)

କାଶୀନଗର ଏନ୍ଏସିରେ ଦୁର୍ନୀତି ହୋଇଥିବା ଅଭିଯୋଗ କରି ଶୁକ୍ରବାର ମହିଳାମାନେ ଏନ୍ଏସି କାର୍ଯ୍ୟାଳୟ ଘେରାଉ କରିଥିଲେ। ମହିଳା ଗୋଷ୍ଠୀଙ୍କୁ ମୁକ୍ତା ଯୋଜନାର କାର୍ଯ୍ୟାଦେଶ ନିର୍ଦ୍ଧାରିତ ରାଶିଠାରୁ କମ ବିଲ କରାଯାଇଥିବା ସେମାନେ ଅଭିଯୋଗ କରିଥିଲେ। ଏଥିସହ ଏହି ସବୁ ବିଲ କରିବା ପାଇଁ ଏନ୍ଏସି ଜେଇ ଅର୍ଥ ମାଗୁଛନ୍ତି ବୋଲି ମହିଳାମାନେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜଣାଇଥିଲେ। କିତିଙ୍ଗି ଠାରେ ଥିବା ତମେୟାପେଟା ଗ୍ରାମରେ ନିର୍ମାଣ ହୋଇଥିବା କମ୍ପୋଷ୍ଟ ପିଟ କାର୍ଯ୍ୟ ସରିଥିଲେ ମଧ୍ୟ ଏବେ ଯାଏ ତାର କଣ୍ଟ୍ରାକ୍ଟରକୁ ବିଲ ପଇଠ ହୋଇନାହିଁ। ବିଲ କରିବା ପାଇଁ ମଧ୍ୟ ଲାଞ୍ଚ ମାଗିଥିବା ମହିଳାମାନେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ସମ୍ପୂର୍ଣ୍ଣ ରାଉତଙ୍କୁ ପଚାରିବାରୁ କେତେକ ବ୍ୟକ୍ତି କାର୍ଯ୍ୟାଳୟରେ ଜେଇଙ୍କୁ ଦୁର୍ବ୍ୟବହାର କରିଥିବା ନଜରକୁ ଆସିଛି। କିନ୍ତୁ ପୋଲିସକୁ ଅବଗତ କରାଯାଇନାହିଁ। ଏହାର ଅନୁସନ୍ଧାନ କରି ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ।

# ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ନେଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ଦିଗପହଣ୍ଡି/ଜି.ଉଦୟଗିରି/ ପୁରୁଷୋତ୍ତମପୁର, ୧୩ା୮ (ଡି.ଏନ୍.ଏ.)

ରାଜ୍ୟରେ ୮୯ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରିବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଦିଗପହଣ୍ଡି ହାଇସ୍କୁଲ ଖେଳ ପଡିଆ ପରିସରରେ ଥିବା ପ୍ରାୟ ୧ ଏକର ଜମିରେ ୭ କୋଟି ଟଙ୍କା ବ୍ୟୟରେ ଇନଡୋର୍ ଷ୍ଟାଡିୟମ ନିର୍ମାଣ କରାଯିବ ବୋଲି ସ୍ଥାନୀୟ ବିଧାୟକ ତଥା ବାଚସ୍ପତି ପାତ୍ର ଶୁକ୍ରବାର କହିଛନ୍ତି। ସ୍ଥାନୀୟ ହାଇସ୍କୁଲ ମିନି ଷ୍ଟାଡିୟମରେ ଆୟୋଜିତ ସତନ୍ତ୍ର କାର୍ଯ୍ୟକ୍ରମରେ ବାଚସ୍ପତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବଡ଼ଖେମୁଣ୍ଡି ହାଇସ୍କୁଲ କ୍ରୀଡ଼ା ଶିକ୍ଷକ ଏମ୍ . ଗୌରାଙ୍ଗଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ, ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ଉଦୟନାଥ ସ୍ୱାଇଁ, ପଦ୍ମନାଭପୁର ସରପଞ୍ଚ ବି.କ୍ରିଷ୍ଣା ରାଓ ସୁବୁଦ୍ଧି, ପୂର୍ବତନ କାଉନସିଲର ନିରୁପମା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଖେଳାଳିଙ୍କ ସମେତ ହାଇସ୍କୁଲ, କଲେଜ ଛାତ୍ରୀଛାତ୍ରମାନଙ୍କୁ ଜର୍ସି ଓ ବିଭିନ୍ନ ଖେଳ ସାମଗ୍ରୀ କିଟ୍ ବାଚସ୍ପତି ବଣ୍ଟନ କରିଲେ। ସେହିପରି ଜି.ଉଦୟଗିରିରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ନିଷ୍ପତ୍ତି ଶୁଣିବା ପରେ ଶତାଧିକ ଯୁବକ ଏକ ଶୋଭାଯାତ୍ରାରେ ବାହାରି ବ୍ୟବସାୟୀ ସଂଘ ସଭାଗୃହରେ ଏକାଠି ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଜି.ଉଦୟଗିରି ନଗର ସଭାପତି, ନଗର ଯୁବ ବିଜେଡି ସଭାପତି, ନଗର ଛାତ୍ର ବିଜେଡି ସଭାପତିଙ୍କ ମିଳିତ ତତ୍ତ୍ୱାବଧାନରେ ଗୁରୁବାର ବ୍ୟବସାୟୀ ସଂଘ ସଭାଗୃହରେ ଆୟୋଜିତ ପ୍ରେସ୍‌ମିଟରେ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ ବୋଲି କହିବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ନଗର ବିଜେଡି ସଭାପତି ଗୋପାଳ ମହାପାତ୍ର, ବ୍ଲକ ସଭାପତି ଲିଙ୍ଗରାଜ କହଁର, ନଗର ମହିଳା ସଭାନେତ୍ରୀ ଭାନୁପ୍ରଭା ମିଶ୍ର, ଟିକାବାଲି ସଭାପତି ରୋଦନ ମଲ୍ଲିକ, ରାଇକିଆ ସଭାପତି ରାଜମୋହନ ଦିଗାଳ, ବରିଷ୍ଠ ବିଜେଡି ନେତା ଲେକ୍ଟର ବୁଲିଆନ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ପୁରୁଷୋତ୍ତମପୁରରେ ଇନ୍‌ଡୋର ଷ୍ଟାଡିୟମ୍ ନିର୍ମାଣ ହେବାକୁ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ପଣ୍ଡା, ଉପାଧ୍ୟକ୍ଷା ବବିତା ରାଉଳ, ଦୈତାରୀ ବେହେରା, ସୀତାରାମ ପାଣିଗ୍ରାହୀ, ସରକାରୀ ଓକିଲ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ଜିଲା ବିଜେଡି ସାଧାରଣ ସମ୍ପାଦକ ଅଶୋକ କୁମାର ମହାନ୍ତ୍ୟୁଡ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ।




ପୁରୁଷୋତ୍ତମପୁରରେ ଖେଳାଳିଙ୍କ ଗହଣରେ ଅତିଥି।

